## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ, ୨୫ା୧୦:** ସାପ କାମୁଡ଼ାରେ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଥାନା ଅନ୍ତର୍ଗତ ସାନ କାଇଅପୁର ଗ୍ରାମର ଭବାନୀ ଶଙ୍କର ମହାକୁଡ଼ (୨୪)। ମୃତଦେହକୁ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗଞ୍ଜାମ ଜିଲାରେ ବିଶେଷକରି ଗ୍ରାମାଞ୍ଚଳରେ ସାପ କାମୁଡ଼ା ଭଳି ଘଟଣା ଅଧିକ ଘଟୁଛି। ଜିଲାରେ ଗତ ଏକ ମାସ ମଧ୍ୟରେ ୨ ଶିଶୁ, ଜଣେ ଯୁକ୍ତ୨ ଛାତ୍ର ସମେତ ୧୫ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଲାଣି। ଏହା ବର୍ତ୍ତମାନ ଚିନ୍ତାର କାରଣ ହୋଇଛି।

### ସାପ କାମୁଡ଼ାରେ ମହିଳା ଗୁରୁତର

**ଦିଗପହଣ୍ଡି,୨୫ା୧୦(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଜଣେ ମହିଳା ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ଏମ୍.ମୁଦୁଲୁ ରେଡ୍ଡୀ। ଶୁକ୍ରବାର ସକାଳ ପ୍ରାୟ ୭ଟାରେ ମୁଦୁଲୁ ଧାନ ଜମିରେ ପାଣି କାଟିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ତାଙ୍କ ବାମ ପାଦକୁ କୌଣସି ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ପାର୍ସଲର ସ୍ଥାନ ଟ୍ରାକ୍ କରି ୬୯ହଜାର ଟଙ୍କା ଠକେଇ

**ଗୋପାଳପୁର,୨୫ା୧୦:** ଏକ ପାର୍ସଲର ଟ୍ରାକିଙ୍ଗ୍ ନମ୍ବର ଜାଣିବାକୁ ଉଦ୍ୟମ କରି ଜଣେ ମହିଳାଙ୍କ ଆକାଉଣ୍ଟରୁ ୬୯ ହଜାର ଟଙ୍କା ଠକେଇ ହୋଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୨୬/୧୯ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।
ପ୍ରକାଶ ଯେ, ଉକ୍ତ ଥାନା ଗୋଲାବନ୍ଧର କାଜଲ ସିହ୍ନା ବୁଧବାର ବ୍ରହ୍ମପୁର ଆସି ନିଜ ସମ୍ପର୍କୀୟଙ୍କ ନିକଟକୁ ଡିଟିଡ଼ିସି କୋରିୟରରେ ଏକ ପାର୍ସଲ ପଠାଇଥିଲେ। ଗୁରୁବାର ଉକ୍ତ ପାର୍ସଲର ସ୍ଥାନ ଜାଣିବା ପାଇଁ ଗୁଗୁଲରେ ସର୍ଚ୍ଚ କରି ମଧ ଜାଣିପାରିନଥିଲେ। ଇତିମଧ୍ୟରେ ଏକ ଫୋନ ନମ୍ବର ପାଇ କାଜଲ ସେହି ନମ୍ବରରେ ଫୋନ କରିଥିଲେ, ଏବଂ ଟ୍ରାକିଙ୍ଗ ନମ୍ବର ଜଣାପଡୁନାହିଁ ବୋଲି ପଚାରିବାରୁ ସେଠାରୁ ଜଣେ ବ୍ୟକ୍ତି ୫ ଟଙ୍କା ବାନ୍ଧିଲେ ପାର୍ସଲର ଟ୍ରାକ୍ ଜଣାପଡ଼ିବ ବୋଲି କହିଥିଲେ। ଏହାପରେ ତାଙ୍କ ଫୋନ ନମ୍ବରକୁ ଏକ ଲିଙ୍କ୍ ପଠାଇଥିଲେ। କାଜଲ ଉକ୍ତ ଲିଙ୍କ ନମ୍ବର ଲଗଇନ୍ କରି ବ୍ୟାଙ୍କ ଆକାଉଣ୍ଟ ନଂ. ଓ ଏଟିଏମ୍ ନଂ. ଏଥିରେ ଅପଲୋଡ଼ କରିଥିଲେ। କିଛି ସମୟ ପରେ କାଜଲଙ୍କ ଆକାଉଣ୍ଟରୁ ହଠାତ୍ ୬୯,୦୦୦ ଟଙ୍କା କଟି ଯାଇଥିଲା। ଏ ନେଇ କାଜଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ ଚାଲିଛି, ଯେଉଁ ଆକାଉଣ୍ଟକୁ ଟଙ୍କା ଯାଇଛି ସେହି ଆକାଉଣ୍ଟକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ତୃତୀୟ ଦିନରେ ବର୍ଷା ବିପ୍ରାତ

# ସ୍ଥିତି ଅନୁଧ୍ୟାନ କଲେ ପୂର୍ବତନ ବିଧାୟକ, ବିଭାଗୀୟ ଅଧିକାରୀ

**ବ୍ରହ୍ମପୁର ଅଫିସ,୨୫ା୧୦**

ଲଘୁଚାପ ପ୍ରଭାବରେ ବୁଧବାରଠାରୁ ଲାଗି ରହିଥିବା ବର୍ଷା ବ୍ରହ୍ମପୁରବାସୀଙ୍କୁ ବେହାଲ କରିଛି। ଶୁକ୍ରବାର ମଧ ବର୍ଷା ଜାରି ରହିଛି। ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ବର୍ଷା ଯୋଗୁ ବାହାନା ନାଳ ଓ ସାପୁଆ ନାଳର ଜଳସ୍ତର ବୃଦ୍ଧିପାଇ ବିଭିନ୍ନ ସ୍ଥାନରେ କୂଳ ଖାଉଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ମହାନଗର ନିଗମ(ବିଏମସି) ୫ ନଂ. ୱାର୍ଡ ଅନ୍ତର୍ଗତ ସୁରଜ ବିହାର ୩ୟ ଲାଇନ ଦେଇ ଯାଇଥିବା ବାହାନା ନାଳ ଶୁକ୍ରବାର କୂଳ ଖାଉଥିବା ଦେଖାଯାଇଛି। ନାଳକୁ ଲାଗି ରହିଥିବା ସିଭିଲ କଣ୍ଟ୍ରାକ୍ଟର ପର୍ଶୁ ସେଠୀଙ୍କ ଘର ପାର୍ଶ୍ୱରେ କୂଳ ଖାଇବା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କୋଠାଘରଟି ଭୁଶୁଡିବା ଭୟ ଥିବାରୁ ସେଠୀଙ୍କ ପରିବାର ସେଠାରୁ ଚାଲି ଆସିଥିଲେ। ପାଣି ସ୍ରୋତ ପ୍ରଖର ହେଉଥିବାରୁ ନାଳକୁ ଲାଗି ଏକ ବିଦ୍ୟୁତ ଖୁଣ୍ଟ ମଧ ଧସିଯିବା ଆଶଙ୍କା ସୃଷ୍ଟି ହୋଇଥିଲା । ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଥିଲା । ଖବରପାଇ ସ୍ଥାନୀୟ ପୂର୍ବତନ କର୍ପୋରେଟର ଆର. ମୁରଲୀମୋହନ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ରୋଡ ଆଣ୍ଡ ଡ୍ରେନେଜ ଡିଭିଜନର ନିର୍ବାହୀଯନ୍ତ୍ରୀ ସମ୍ପଦ ରାଓ, ସାଉଥକୋର ଏଓ ଜୟରାମ ସାହୁ, ଗ୍ରୀଡକୋ ଓପିଡି ସେଲର ଡିଜିଏମ ଅଶୋକ କୁମାର ମହାନ୍ତି, ସାଉଥକୋ ବ୍ରହ୍ମପୁର ସିଟି ସର୍କଲର ଏସ୍ଇ ଚନ୍ଦନ ଦାଶ ଓ ଓଭ୍ରାଫର ଏକ ଟିମ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଘଟଣା ଉପରେ ନଜର ରଖିବା ସହ ବର୍ଷା କମିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସାଉଥକୋ ଏଓ ସୂଚାଇଥିଲେ । ବର୍ତ୍ତମାନ ସାପୁଆ ଓ ବାହାନା ନାଳର ୧୧ କିମି ଅଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ସହ ଉଭୟ ପାର୍ଶ୍ୱରେ ପଥର ବନ୍ଧ ନିର୍ମାଣ କରାଯାଇଛି । ବର୍ଷା କମିବା ପରେ ସୁରଜବିହାର ଦେଇ ଯାଇଥିବା ବାହାନା ନାଳ ଅଞ୍ଚଳର ପଥର ବନ୍ଧ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ପଠାଯିବ ବୋଲି ରୋଡ ଆଣ୍ଡ ଡ୍ରେନେଜ ଡିଭିଜନର ନିର୍ବାହୀଯନ୍ତ୍ରୀ ରାଓ ସୂଚନା ଦେଇଥିଲେ । ଶୁକ୍ରବାର ଏହି ଅଞ୍ଚଳ ବ୍ୟତୀତ ଶରଧାବାଲି, ଗାନ୍ଧୀ ନଗର ଅଞ୍ଚଳରେ ମଧ କୃତ୍ରିମ ବନ୍ୟା ପରିସ୍ଥିତି ଜାରି ରହିଥିଲା। ଗୁରୁବାର ରାତିରୁ ଶରଧାବାଲି ଅଞ୍ଚଳବାସୀ ଜଳବନ୍ଦୀ ହୋଇ ରହିଛନ୍ତି । ସେମାନଙ୍କୁ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ କର୍ପୋରେଟର ଆର. ମୁରଲୀମୋହନ ଓ ଯୁବ ବିଜେଡିର କର୍ମକର୍ତ୍ତାମାନେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ସେହିପରି ଗଜପତି ନଗର, ଜୟପ୍ରକାଶ ନଗର, ନୀଳାଞ୍ଚଳ ନଗର, ପୁରୁଣାବ୍ରହ୍ମପୁର ଆଦି ଅଞ୍ଚଳରେ ବର୍ଷାଜଳ ଜମି ରହିବା ସହ ଘରେ ପ୍ରବେଶ କରିଥିବା ଦେଖିବାକୁ ମିଳିଛି । ଜୟପ୍ରକାଶ ନଗରରେ ରାସ୍ତାରେ ପ୍ରାୟ ୨ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚତାରେ ପ୍ରବାହିତ ବର୍ଷାଜଳରେ ଜଣେ ବାଳକ ଭାସିଯାଉଥିବା ବେଳେ ଅଞ୍ଚଳବାସୀ ଉଦ୍ଧାର କରିଥିବା ସୂଚନା ମିଳିଛି । ୩ ଦିନ ଧରି ଲଗାଣ ବର୍ଷାରେ ବେହାଲ ସହରର ବିଭିନ୍ନ ଅଞ୍ଚଳରୁ ଜଳ ନିଷ୍କାସନ ସହ ଜେସିବି ଦ୍ୱାରା ଡ୍ରେନ ସଫେଇ ନେଇ ବିଏମସି ପକ୍ଷରୁ ପଦକ୍ଷେପ ନିଆଯାଉଥିବା ନିଗମ ପକ୍ଷରୁ ସୂଚନା ମିଳିଛି ।


କୂଳ ଖାଉଥିବା ବାହାନା ନାଳ ।


ସୁରଜ ବିହାର ଅଞ୍ଚଳରେ ପୂର୍ବତନ ବିଧାୟକ ଓ ଅଧିକାରୀମାନେ।

## ବଜ୍ରପାତରେ ଟ୍ରାନ୍ସଫର୍ମର ନଷ୍ଟ

### ସମାଧାନ ପାଇଁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

**ଗଞ୍ଜାମ,୨୫ା୧୦(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଖଟୁଆକୁଦା ଗ୍ରାମରେ ଥିବା ୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ଶୁକ୍ରବାର ବଜ୍ରପାତରେ ନଷ୍ଟ ହୋଇଯାଇଛି। ଖବର ପାଇ ବିଦ୍ୟୁତ କର୍ମଚାରୀମାନେ ନଷ୍ଟ ଟ୍ରାନ୍ସଫର୍ମରକୁ ସଜାଡ଼ିବା ପାଇଁ ସମସ୍ତ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ଗ୍ରାମବାସୀ ସନ୍ଧ୍ୟାରେ ଗଞ୍ଜାମସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଆସି ଯୁଦ୍ଧକାଳୀନ ଭିତ୍ତିରେ ନୂତନ ଟ୍ରାନ୍ସଫର୍ମର ଲଗାଇବାକୁ ଅଡ଼ି ବସିଥିଲେ । ଗଞ୍ଜାମ ବିଦ୍ୟୁତ୍ ସେକ୍ସନ ସୁପରଭାଇଜର ସୂର୍ଯ୍ୟ ନାରାୟଣ ବିଷୋଇ ଶନିବାର ସମାଧାନ କରାଯିବ ବୋଲି କହିବା ପରେ ଗ୍ରାମବାସୀ ବୁଝିଥିଲେ। ଗ୍ରାମର ବୃନ୍ଦାବନ ପ୍ରଧାନ, ବିପ୍ର ସାହୁ, ଲୋକନାଥ ତରାଇ, ଶବର କୁମାର ତରାଇ, କାମା ତରାଇ, ବାବୁଲା ସାହଙ୍କ ସମେତ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ଥିଲେ ।


ଧନତେରସ ଅବସରରେ ବ୍ରହ୍ମପୁର ସହରର ଏକ ସୁନା ଦୋକାନରେ ଗ୍ରାହକଙ୍କ ଭିଡ଼ । (ଫଟୋ-ସମୀର)

### ଡକାୟତି ଉଦ୍ୟମ ଘଟଣା, ଫେରାର୍ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୨୫ା୧୦**

ଡକାୟତି ଉଦ୍ୟମ ଘଟଣାରେ ଦେଢ଼ ବର୍ଷ ଧରି ଫେରାର ଥିବା ଜଣେ ଅପରାଧୀଙ୍କୁ ଗୋଷାଣିନୂଆଗାଁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଜାମ ସେଠୀ। ମାମଲା ନମ୍ବର ୧୬/୧୮ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜାମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨୦୧୮ ଫେବୃଆରୀ ୨ ତାରିଖରେ ହଳଦିଆପଦର ଓଭରବ୍ରିଜ ନିକଟରେ ଏକ ଡକାୟତି ଉଦ୍ୟମ ଘଟଣାରେ ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିଲା। ଜାମ ପୋଲିସକୁ ଚକମା ଦେଇ ଚମ୍ପଟ ମାରି ରାୟଗଡା ଅଞ୍ଚଳରେ ରହୁଥିଲେ। ସେ ବ୍ରହ୍ମପୁର ଆସିଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିଛି।

# ଗଜପତିନଗର, ଗାନ୍ଧୀନଗର ଉପରେ ରହିଛି ନଜର

**ଛତ୍ରପୁର,୨୫ା୧୦(ଡି.ଏନ.ଏ.)**

**ବର୍ଷାରେ ପାଣି ଜମି ରହିବା ପ୍ରସଙ୍ଗ**

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁର ମହାନଗର ନିଗମର ଗଜପତିନଗର ଓ ଗାନ୍ଧୀ ନଗର ଅଞ୍ଚଳରେ ପାଣି ଜମି ରହୁଛି । ଫଳରେ ଲୋକେ ଘରୁ ବାହାରିବାରେ ସମସ୍ୟା ହେଉଛି । ଉକ୍ତ ୨ ଅଞ୍ଚଳ ଉପରେ ବ୍ରହ୍ମପୁର ଉପଜିଲାପାଳ ଓ ବିଏମ୍ସି କମିଶନର ସ୍ୱତନ୍ତ୍ର ନଜର ରଖିଥିବା ଶୁକ୍ରବାର ଛତ୍ରପୁରଠାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ଗଜପତି ନଗର ଓ ଗାନ୍ଧୀ ନଗର ତଳି ଅଞ୍ଚଳରେ ରହିଛି । ବର୍ଷା ବେଶୀ ହେଲେ ହଠାତ୍ ଉକ୍ତ ଅଞ୍ଚଳକୁ ପାଣି ଆସୁଛି। ଫଳରେ ଅସୁବିଧା ହେଉଛି । ସେଠାରେ ଥିବା ଡ୍ରେନ୍ର ସାଇଜ୍କୁ ଆଉ ବଡ କରାଯାଇ ପାରିବନି । ଏନଏଚ୍ ପାର୍ଶ୍ୱକୁ ମଧ ପାଣି ଆସୁଛି। ଏହାକୁ ଡାଇଭର୍ଟ କରିବାକୁ ପାଇଁ ଚେଷ୍ଟା ଚାଲିଥିବା ଜିଲାପାଳ କହିଛନ୍ତି। ଏଥିସହ ପାଣି କେମିତି କମ୍ ଆସିବ ଏବଂ ଏହା କମ୍ ସମୟରେ ନିଷ୍କାସନ ହୋଇପାରିବ ତାହା ଉପରେ ଚିନ୍ତା କରାଯାଉଥିବା ଜିଲାପାଳ ସୂଚନା ଦେଇଛନ୍ତି। ବ୍ରହ୍ମପୁରର ଲୋଚାପଡା ଅଞ୍ଚଳରେ ଥିବା ନାଳ ପାର୍ଶ୍ୱରେ ଜବରଦଖଲ ହୋଇଛି। ସେଠାରେ ୩୦ ଚାଳଘର ରହିଛି । ଗୁରୁବାର ସେଠାରୁ ଲୋକଙ୍କୁ ନିକଟରେ ଥିବା ଘରୋଇ ସ୍କୁଲକୁ ସ୍ଥାନାନ୍ତର କରାଯିବା ସହ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ଜିଲାପାଳ କହିଛନ୍ତି।

## ଦିନକ ପରେ ଦୀପାବଳି: ବ୍ୟବସାୟୀଙ୍କୁ ମିଳିଲାନି ଲାଇସେନ୍ସ

# ବାଣ ବଜାର ଖୋଲିବା ନେଇ ଅନିଶ୍ଚିତତା

**ବ୍ରହ୍ମପୁର ଅଫିସ,୨୫ା୧୦**

ଦିନକ ପରେ ରବିବାର ପବିତ୍ର ଦୀପାବଳି। ଦକ୍ଷିଣ ଓଡ଼ିଶାର ଏକମାତ୍ର ବୃହତମ ବାଲୁଙ୍କେଶ୍ୱର ବାଣ ବଜାର ଏ ଯାଏ ଖୋଲିନାହିଁ। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବାଲୁଙ୍କେଶ୍ୱର ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ତରଫରୁ ବାଣ ବିକ୍ରି ପାଇଁ ଲାଇସେନ୍ସ ମିଳିନି। ତେଣୁ ବାଣ ବଜାର ଖୋଲିବ କି ନାହିଁ ଅନିଶ୍ଚିତତା ମଧ୍ୟରେ ରହିଛି। ଅନ୍ୟପଟେ ବାଲୁଙ୍କେଶ୍ୱର ବାଣ ବଜାର ବ୍ୟତୀତ ସହରରେ ଅନ୍ୟ କେଉଁଠି ବାଣ ବିକ୍ରୟ ହୋଇପାରିବ ନାହିଁ ବୋଲି ଗତବର୍ଷଠାରୁ ଜିଲା ପ୍ରଶାସନ କଡା ନିର୍ଦ୍ଦେଶ ଜାରି କରିଛି। ଏଥିଯୋଗୁ ଚଳିତ ବର୍ଷ ସହରରେ ବାଣ ଫୁଟିବା ଦେଖିବାକୁ ମିଳିବ ନାହିଁ ବୋଲି ଚର୍ଚ୍ଚା ହେଉଛି।
ବିନା ଲାଇସେନ୍ସରେ ବେଆଇନ ଭାବେ ବାଲୁଙ୍କେଶ୍ୱର ବାଣ ବଜାରରେ ବ୍ୟବସାୟୀମାନେ ବାଣ ମହଜୁଦ ରଖିବା ସହ ବିକ୍ରୟ କରୁଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଗୋଷାଣିନୂଆଗାଁ ପୋଲିସ ବାଣ ବଜାରକୁ ଗତ ସୋମବାର ନିଜ ହେପାଜତକୁ ନେବା ସହ ଦୋକାନୀଙ୍କୁ ହାଜର ପାଇଁ ନୋଟିସ ଜାରି କରିଥିଲା। ବାଣବଜାରରେ ବ୍ୟବସାୟୀମାନେ ହାଜର ନ ହେବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଗୋଟିଏ ପରେ ଗୋଟିଏ ଏପରି ୪୭ଟି ଦୋକାନ ତାଲା ଭାଙ୍ଗି ସେଠାରେ ଥିବା ବାଣ ଯାଞ୍ଚ କରିଥିଲା। ପରେ ସେହି ଦୋକାନଗୁଡିକୁ ସିଲ କରିଦେଇଥିଲା। ଏ ନେଇ ୧୧୦/୧୯ରେ ୪୯ ବ୍ୟବସାୟୀଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା। ଅନ୍ୟପଟେ ବ୍ୟବସାୟମାନେ ନ୍ୟାୟ ପାଇଁ ଏସଡ଼ିଜେଏମ କୋର୍ଟରେ ଆବେଦନ କରିଥିଲେ। ଏସଡ଼ିଜେଏମ ଶୁକ୍ରବାର ଏହାର ଶୁଣାଣି କରି ଗୋଷାଣିନୁଆଗାଁ ଥାନାଧିକାରୀଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ବାଲୁଙ୍କେଶ୍ୱର ବଜାରରେ ୪୯ ବ୍ୟବସାୟୀ ବାଣ ବେପାର କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କୁ ଶୁକ୍ରବାର ଯାଏ ବାଣ ବିକ୍ରି ପାଇଁ ଲାଇସେନ୍ସ ମିଳିନାହିଁ ବୋଲି ପୋଲିସ କହିଛି। ବାଣ ବଜାର ସିଲ୍ କରାଯାଇଥିବା ବେଳେ ଏବେ ସେଠାରେ ଦୁଇ ସେକ୍ସନ ଫୋର୍ସ ମୁତୟନ ହୋଇଥିବା ଥାନାଧିକାରୀ ସୋରେନ କହିଛନ୍ତି । ଏନେଇ ବାଣବଜାର କମିଟି ସଭାପତି ରିଙ୍କୁ ଗୌଡ଼ କୁହନ୍ତି ବ୍ୟବସାୟୀ ସଂଘ ଜିଲାପାଳଙ୍କ ଠାରୁ ବାଣ ବିକ୍ରୟ ଲାଇସେନ୍ସ ପାଇବା ପାଇଁ ଆଶା ରଖିଥିଲା। ଜିଲା ପ୍ରଶାସନ ତରଫରୁ ଲାଇସେନ୍ସ ମିଳି ନ ଥିବା ସେ କହିଛନ୍ତି ।

# ନର୍ସିଂ ଛାତ୍ରଙ୍କୁ ମିଳିଲା ଛାତ୍ରାବାସ

**ବ୍ରହ୍ମପୁର ଅଫିସ,୨୫ା୧୦**

ବ୍ରହ୍ମପୁରସ୍ଥିତ ନର୍ସିଂ ମହାବିଦ୍ୟାଳୟର ଛାତ୍ରଙ୍କୁ ଛାତ୍ରାବାସ ହସ୍ତାନ୍ତର କରାଯାଇଛି । ଛାତ୍ରାବାସ ପ୍ରଦାନ କରିବାକୁ ଦୀର୍ଘଦିନ ହେଲା ଛାତ୍ରମାନେ ଦାବି କରୁଥିଲେ । ଗୁରୁବାର ଶେଷରେ ଛାତ୍ରାବାସ ହସ୍ତାନ୍ତର କରାଯାଇଛି । ଏମ୍କେସିଜି ମେଡ଼ିକାଲ୍ କଲେଜ ପରିସରରେ ଥିବା ନର୍ସିଂ ମହାବିଦ୍ୟାଳୟର ଓଡ଼ିଶାର ସର୍ବପୁରାତନ ସରକାରୀ ନର୍ସିଂ ମହାବିଦ୍ୟାଳୟ। ପୂର୍ବରୁ କେବଳ ଛାତ୍ରୀମାନେ ଅଧ୍ୟୟନ କରୁଥିଲେ । ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୦୯ ମସିହାରୁ ଏଠାରେ ଛାତ୍ରମାନେ ଅଧ୍ୟୟନ କରୁଛନ୍ତି । ହେଲେ ସେମାନଙ୍କ ପାଇଁ ଛାତ୍ରାବାସ ନ ଥିଲା । ସହରର ବିଭିନ୍ନ ସ୍ଥାନରେ ଘର ଭଡ଼ା ନେଇ ରହି ଅଯଥା ଖର୍ଚ୍ଚାନ୍ତ ହେଉଥିଲେ । ଏନେଇ ପୂର୍ବରୁ ବହୁଥର ସରକାରଙ୍କ ନିକଟରେ ଦାବି କରାଯାଇଥିଲା । ନର୍ସିଂ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୭ ମସିହାରେ ୨୬୨.୨୭ଲକ୍ଷ ଟଙ୍କା ବ୍ୟୟରେ ଏକ ଛାତ୍ରାବାସ ନିର୍ମାଣ ସହ ଉଦ୍‌ଘାଟନ ମଧ୍ୟ ହୋଇଥିଲା । ହେଲେ ଛାତ୍ରମାନଙ୍କୁ ଛାତ୍ରାବାସ ହସ୍ତାନ୍ତର କରାଯାଉ ନ ଥିଲା । ଏହା ପ୍ରତିବାଦରେ ଚଳିତ ଶିକ୍ଷା ବର୍ଷ ଆରମ୍ଭରୁ ଛାତ୍ରମାନେ ଆନ୍ଦୋଳନ କରୁଥିଲେ । ଛାତ୍ର ସଂସଦ ଏହାର ନେତୃତ୍ୱ ନେଉଥିଲା । ଶେଷରେ ଦାବି ମାନିନେଇଛନ୍ତି କର୍ତ୍ତୃପକ୍ଷ। ଆନ୍ଦୋଳନ ଠାରୁ ଦାବି ହାସଲ ପର୍ଯ୍ୟନ୍ତ, ବିଭିନ୍ନ ପର୍ଯ୍ୟାୟରେ ସହଯୋଗ କରିଥିବା ଛାତ୍ର ସଂସଦ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଛି ।

# ବର୍ଷା ହେଲେ ବିପଦ ସୃଷ୍ଟି କରୁଛି ବାହାନା ନାଳ

**ବ୍ରହ୍ମପୁର ଅଫିସ,୨୫ା୧୦**

- **ପୁନରୁଦ୍ଧାର, ପୁନଃ ନିର୍ମାଣ ବାବଦରେ ବ୍ୟୟ ୨୩ କୋଟି**
- **୧୫ ବର୍ଷ ପରେ ବି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ**

ବ୍ରହ୍ମପୁର ଖାଲୁଆ ଅଞ୍ଚଳକୁ ପ୍ରବଳ ବର୍ଷା ହେଲେ ବିପଦ ସୃଷ୍ଟି କରୁଛି ବାହାନା ନାଳ। ଏହାର ପୁନରୁଦ୍ଧାର ଓ ପୁନଃ ନିର୍ମାଣ ପାଇଁ ୧୫ ବର୍ଷ ତଳେ ହୋଇଥିଲା ନୂଆ ଯୋଜନା । ବର୍ତ୍ତମାନ ସୁଦ୍ଧା ଏ ବାବଦରେ ବ୍ୟୟ ହୋଇଛି ୨୩ କୋଟି ଟଙ୍କା । ତଥାପି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି । ଲଘୁଚାପ ପ୍ରଭାବରେ ଗତ ୩ ଦିନର ଲଗାଣ ବର୍ଷା ବିପ୍ରାତରେ ନାଳ ପାର୍ଶ୍ୱବର୍ତ୍ତୀ ଗଜପତି ନଗର ସମେତ ମେଡିକାଲ ବ୍ୟାଙ୍କ କଲୋନୀ, ସିଦ୍ଧାର୍ଥନଗର, ବାଞ୍ଛାନିଧି ନଗର, ନୀଳାଚଳନଗର, କଳିଙ୍ଗନଗର, ଶରଧାବାଲି ଆଦି ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।
୨୦୦୩ ଅକ୍ଟୋବର ମାସରେ ପ୍ରବଳ ବର୍ଷା ବିପ୍ରାତ ହୋଇଥିଲା। ବାହାନା ନାଳ ପାଣି ନିଷ୍କାସନ ହୋଇ ନ ପାରି ଅନେକ ଅଞ୍ଚଳରେ ପଶିଥିଲା । ଗଜପତି ନଗର ସବୁ ଲେନରେ ପାଣି ଭର୍ତ୍ତି ହୋଇଯାଇଥିଲା । ହଜାର ହଜାର ବାସିନ୍ଦା ଜଳବନ୍ଦୀ ହୋଇଥିଲେ । ବହୁ ଘରର ଛାତ ଉପରକୁ ମଧ ପାଣି ଉଠିଯାଇଥିଲା। ବିଜେଡି ସରକାରଙ୍କ ପ୍ରଥମ ପାଳିରେ ଏହା ଘଟିଥିଲା । ଉଦବେଗଜନକ ସ୍ଥିତି ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିଥିଲେ। ଉଦ୍ଧାର ଓ ରିଲିଫ ସାମଗ୍ରୀ ବଣ୍ଟନ ପାଇଁ ପ୍ରତିରକ୍ଷା ବିଭାଗର ଯବାନଙ୍କୁ ନିୟୋଜିତ ସାଙ୍ଗକୁ ହେଲିକପ୍ଟରରେ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟାଯିବା ବ୍ୟବସ୍ଥା ହୋଇଥିଲା । ସପ୍ତାହ ବ୍ୟାପି ଲୋକେ ପାଣି ଘେରରେ ରହିଥିଲେ। ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସରେ ହୋଇଥିବା ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ପାୱାର ବୋଟ ଯୋଗେ ବିପନ୍ନଙ୍କୁ ଉଦ୍ଧାର କରାଯିବା ବ୍ୟବସ୍ଥା ହୋଇଥିଲା। ସମସ୍ତଙ୍କୁ ନିରାପଦରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନବୀନ କଡ଼ା ନିର୍ଦ୍ଦେଶ ଦେଇଥିଲେ ।
ସେ ସମୟରେ ସମୀକ୍ଷା ବୈଠକରେ ବାହାନା ନାଳ ପୁନରୁଦ୍ଧାର ଓ ପୁନଃନିର୍ମାଣ କରି ସମସ୍ୟାର ସ୍ଥାୟୀ ସମାଧାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଆସିକା ରୋଡ ଫାଷ୍ଟଗେଟ ଠାରୁ ସହର ଉପକଣ୍ଠ ଗୋପାଳପୁର ଛକ ପର୍ଯ୍ୟନ୍ତ ଏହି ନାଳ ଲମ୍ବିଛି। ପର୍ଯ୍ୟାୟକ୍ରମେ ଏଥିପାଇଁ ସରକାରୀ ଅନୁଦାନ ମଞ୍ଜୁର ହୋଇଛି । ପୁନଃ ନିର୍ମାଣ କାର୍ଯ୍ୟ ଏଠାର ଡ୍ରେନେଜ ଡିଭିଜନକୁ ନ୍ୟସ୍ତ କରାଯାଇଛି । ସେହି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ପୁନରୁଦ୍ଧାର ଓ ପୁନଃନିର୍ମାଣ ବାବଦରେ ୨୩ କୋଟି ବ୍ୟୟ ହୋଇଛି । ନାଳର ୧୦ କିମି କାର୍ଯ୍ୟ ସରିଛି । ଦୁଇ ପାର୍ଶ୍ୱରେ ୬ ହଜାର ମିଟର ପାଚେରି (ପ୍ରୋଟେକ୍ସନ ୱାଲ) ନିର୍ମାଣ ସହ ବିଭିନ୍ନ ସ୍ଥାନରେ ୬ଟି ହାଇଲେବଲ ବ୍ରିଜ ନିର୍ମାଣ ହୋଇଛି। ନାଳର ସୁରକ୍ଷା ନିମନ୍ତେ କେତେକ ସ୍ଥାନରେ ପଥର ପ୍ୟାକିଙ୍ଗ୍ ମଧ କରାଯାଇଛି । ଗତ ୩ ଦିନ ଧରି ପ୍ରବଳ ବର୍ଷାରେ ନାଳରେ ଭର୍ତ୍ତି ହୋଇଥିବା କୁଢ଼ କୁଢ଼ ଅଳିଆ ଯୋଗୁଁ ପାଣି ନିଷ୍କାସନ ହୋଇ ନ ପାରିବାରୁ ଗଜପତି ନଗର ଓ ଅନ୍ୟ ବସ୍ତିରେ ପାଣି ପଶିଥିବା କୁହାଯାଇଛି । ଅଳିଆ ଆବର୍ଜନାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ବାହାର କରାଯାଇଥିବାରୁ ଏବେ ଅବସ୍ଥା ସୁଧୁରିଥିବା କୁହାଯାଇଛି ।

# ବାଣ ନ ଫୁଟାଇ ଦୀପ ଜାଳିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୨୫ା୧୦**

ଦିପାବଳୀରେ ଅତ୍ୟଧିକ ଶବ୍ଦ ଓ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଯିବା ଦ୍ୱାରା ବହୁ ପଶୁପକ୍ଷୀଙ୍କ ଜୀବନ ଅକାଳରେ ଚାଲିଯାଉଛି। ପୃଥିବୀରେ ମନୁଷ୍ୟର ଯେତିକି ଅଧିକାର ଅଛି କଥା କହି ନ ପାରିଲେ ମଧ ପଶୁପକ୍ଷୀମାନଙ୍କର ତା ଠାରୁ ଅଧିକ ଅଧିକାର ଅଛି । ସେମାନଙ୍କ ସୁରକ୍ଷା ମନୁଷ୍ୟ ହାତରେ। ତେଣୁ ଦିପାବଳୀରେ ବାଣ ନ ଫୁଟାଇବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବ୍ରହ୍ମପୁର ସହର ଉପକଣ୍ଠ ଗୁଣ୍ଡବନ୍ଧ ଗ୍ରାମରେ ସଚେତନତା ପଦଯାତ୍ରା କରାଯାଇଛି ।
ପ୍ରତିବର୍ଷ ଦିପାବଳୀ ପରଦିନ ବାଣ ଆଘାତରେ ଲକ୍ଷ ଲକ୍ଷ ସଂଖ୍ୟାରେ ପଶୁ ପକ୍ଷୀ ମରି ପଡୁଥିବା ଦେଖାଯାଉଛି । ପରିବେଶ ପ୍ରଦୂଷଣର ମାତ୍ରା ବଢୁଛି । ମନୁଷ୍ୟ ଉପରେ ଏହାର କୁପ୍ରଭାବ ପଡୁଛି। ପରିଷଦର ସଦସ୍ୟମାନେ ଲୋକଙ୍କୁ ଏ ନେଇ ସଚେତନ କରିବା ସହ ବାଣ ନ ଫୁଟାଇ, ଘର ଆଗରେ ମାଟି ଦୀପ ଜାଳି ଦିପାବଳୀ ପାଳନ କରିବାକୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ, ପରିଷଦ ତରଫରୁ ଗଞ୍ଜାମ ଜିଲାର ୨୨ ବ୍ଲକରେ ଘର ଚଟିଆ ସଂରକ୍ଷଣ କାର୍ଯ୍ୟକ୍ରମ ଚାଲିଛି । ତତ୍ ସହିତ ବିଭିନ୍ନ ବନ୍ୟ ପଶୁପକ୍ଷୀମାନଙ୍କ ସୁରକ୍ଷା ଉପରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ପରିଷଦର ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ରାକେଶ ବିଷୋୟୀ, ସିଲୁ ମହାନ୍ତି, ଲୋକନାଥ ଦଳାଇ, କାହ୍ନୁ ଚରଣ ବିଷୋୟୀ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବାଣ ନ ଫୁଟାଇବା ପାଇଁ ସଚେତନତା ବାର୍ତ୍ତା ଦିଆଯାଉଛି ।

